ପ୍ରେସ୍ ରିଲିଜ୍

## ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ, ପୁରୀ

## ନବକଳେବର ରଥଯାତ୍ରା ଉପଲକ୍ଷେ ଭକ୍ତମାନଙ୍କୁ ବୀମାଭୁକ୍ତ କରାଗଲା ।

ପୁରୀ ତା.୧୩.୭. – ଚଳିତ ବର୍ଷ ରଥଯାତ୍ରା ଉପଲକ୍ଷେ ପୁରୀ ସହରକୁ ବହୁ ସଂଖ୍ୟାରେ ଭକ୍ତ / ଦର୍ଶନାର୍ଥୀ ତଥା ଯାତ୍ରୀ ଆସିବେ । ସେମାନଙ୍କର ସୁରକ୍ଷା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ନିଉ ଇଣ୍ଡିଆ ଆସୁରାନ୍ସ କମ୍ପାନୀଦ୍ୱାରା ତିନି ଗୋଟି ବୀମା ଯୋଜନା କାର୍ଯ୍ୟକାରୀ କରାଯାଇଅଛି । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ବୀମା କିସ୍ତି ଅର୍ଥ ପ୍ରଦାନ କରାଯାଇଅଛି ।

ପୁରୀ ପୌରାଞ୍ଚଳ ସୀମା ମଧ୍ୟରେ ଯଦି କୌଣସି ବ୍ୟକ୍ତିଙ୍କର ଯେ କୌଣସି ପ୍ରକାର ଦୁର୍ଘଟଣା ଜନିତ ମୃତ୍ୟୁ ଘଟେ ତେବେ ତାଙ୍କ ଉତ୍ତରାଧିକାରୀଙ୍କୁ ୫ଲକ୍ଷ ଟଙ୍କା ବୀମା ରାଶି ଦେବାର ବ୍ୟବସ୍ଥା କରାଯାଇଅଛି । ଏହି ବ୍ୟବସ୍ଥା ଚଳିତ ବର୍ଷ ନେତ୍ରୋତ୍ସବ ଠାରୁ ନିଳାଦ୍ରୀ ବିଜେ ଯଥା ତା.୧୭.୭.୧୫ ଠାରୁ ତା.୩୦.୭.୧୫ରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ଶ୍ରୀଗୁଣ୍ଡିଚା ମନ୍ଦିର ପରିସର କୁ ମଧ୍ୟ ଏଥିରେ ଅର୍ନ୍ତଭୁକ୍ତ କରାଯାଇଅଛି ।

ଚଳିତ ବର୍ଷ ଶ୍ରୀଜୀଉମାନଙ୍କର ନବକଳେବର ହୋଇଥିବା ଦୃଷ୍ଟିରୁ ରଥଯାତ୍ରା ପରେ ମଧ୍ୟ ବହୁ ସଂଖ୍ୟାରେ ଭକ୍ତ, ଦର୍ଶନାର୍ଥୀ ତଥା ପର୍ଯ୍ୟଟକମାନେ ବର୍ଷସାରା ବିଭିନ୍ନ ଯାନିଯାତ୍ରାରେ ଶ୍ରୀମନ୍ଦିରକୁ ଦର୍ଶନପାଇଁ ଆଗମନ କରିବେ । ଶ୍ରୀମନ୍ଦିର ମଧ୍ୟରେ ଯଦି କିଛି ଦୁର୍ଘଟଣାଜନିତ ମୃତ୍ୟୁ ଘଟେ ସେଥି ନିମନ୍ତେ ଭକ୍ତ. ସେବକ ତଥା ଶ୍ରୀମନ୍ଦିର କର୍ମଚାରୀ ସମସ୍ତଙ୍କୁ ୧ ବର୍ଷ ପାଇଁ ୫ଲକ୍ଷ ଟଙ୍କାର ବୀମାଭୁକ୍ତ କରାଯାଇଛି ।

୧୩/୭/୧୫

ମୁଖ୍ୟ ପ୍ରଶାସକ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ